# Akashvani, Sambalpur

## SAMBALPURI NEWS BULLETIN

### 6 April 2025- 6.47- 6.52 am.

*************************************************

**ପ୍ରଧାନ୍‌ମନ୍ତ୍ରୀ ଜନ୍‌ମନ୍ ଯୋଜ୍‌ନା-ବ୍ୟୟମଞ୍ଜୁର ପି.ଆଇ.ବି.**

କେନ୍ଦ୍ର ଗ୍ରାମୀଣ୍ ବିକାଶ୍ ମନ୍ତ୍ରଣାଳୟ ପ୍ରଧାନ୍‌ମନ୍ତ୍ରୀ ଜନ୍‌ମନ୍ ଯୋଜ୍‌ନା ଜରିଏ ଓଡ଼ିଶାର୍ ୨୬ ଟା ରାସ୍ତା ଆର୍ ୨ ଟା ସେତୁ ପ୍ରକଳ୍ପକେ ମଞ୍ଜୁର୍ କରିଛେ । ଇ ଯୋଜ୍‌ନାଥି ରାଏଜେ ୬୩ ଦଶ୍‌ମିକ୍ ୨/୭/୧ କିଲୋମିଟର୍ ରାସ୍ତା ତିଆର୍ ହେବା । ଇଥିର୍‌ଲାଗି ମନ୍ତ୍ରଣାଳୟ ଓଡ଼ିଶାକେ ୬୯ କୋଟି ୬୫ ଲାଖ୍ ଟଙ୍କା ଅନୁଦାନ୍ ଦେବା । ଏବ୍‌ତକ୍ ପିଏମ୍ ଜନ୍‌ମନ୍ ଯୋଜ୍‌ନାଥି ଓଡ଼ିଶାକେ ୨ ଶହ ୧୧ ଦଶ୍‌ମିକ୍ ୧/୪ କିଲୋମିଟର୍ ଲମ୍ବା ୬୬ ଟା ରାସ୍ତା ତିଆରି ପ୍ରକଳ୍ପ ଆର୍ ୪ ଟା ସେତୁ ପ୍ରକଳ୍ପ ମଞ୍ଜୁର୍ କରାଯାଇଛେ । ଇ ବାବ୍‌ଦେ ମନ୍ତ୍ରଣାଳୟ ୨ ଶହ ୧୯ କୋଟି ୪୦ ଲାଖ୍ ଟଙ୍କା ଅନୁଦାନ୍ ଯୁଗେଇଛେ ।

ମୁଖ୍ୟମନ୍ତ୍ରୀ -ନିବେଶକ୍ ସମ୍ମିଲନୀ          ଆର୍‌ଏନ୍‌ୟୁ/
ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ୩ ଦିନିଆ ଦିଲ୍ଲୀ ଗସ୍ତଥି ଯିବେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ନିବେଶକ୍ ସମ୍ମିଲନୀଥି ଯୋଗ୍ ଦେବାର୍ ସହେତେ ଭିନ୍ ଭିନ୍ କେନ୍ଦ୍ରମନ୍ତ୍ରୀମାନ୍‌କୁ ଭେଟ୍‌ବେ । ସମ୍ମିଲନୀଥି ପୁଞ୍ଜିପତିମାନ୍‌କର୍ ସହେତେ ରାଏଜେ ପୁଞ୍ଜିନିବେଶ୍ ବାବ୍‌ଦେ ଆଲୋଚନା କର୍‌ବେ । ରାଜ୍ୟର୍ ସ୍ୱାର୍ଥକେ ନେଇକରି କେନ୍ଦ୍ରମନ୍ତ୍ରୀମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ ଉତ୍‌ରୁ ୯ ତାରିଖ୍ ଓଡ଼ିଶା ଫିର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି       I&PR

ଗୁରୁତ୍ୱପୂର୍ଣ୍ଣ କାମ୍ ଥିବାର୍‌ନୁ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆୟୁଷ୍ମାନ୍ ଭାରତ I&PR

ରାଏଜେ ଆଏବା ୧୧ ତାରିଖ୍ ଆୟୁଷ୍ମାନ୍ ଭାରତ୍ - ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା ଆଉ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ଲାଗୁ ହେବାର୍‌କେ ଯାଉଛେ । ଦୁହି ଯୋଜ୍‌ନାର୍ ଲାଗି ଗୁଟେ କାର୍ଡ଼ ମିଲ୍‌ବା । ନୂଆଁ କାର୍ଡ଼ ପାଏବାର୍‌ତକ୍ ହିତାଧିକାରୀମାନେ ଆଧାର୍‌କାର୍ଡ଼ ଆଉ ଇହାଦେ ପାଖେ ଥିବା ସ୍ୱାସ୍ଥ୍ୟକାର୍ଡ଼ ନମ୍ବର୍ ଦେଇକରି ଚିକିତ୍ସାସେବା ପାଇପାର୍‌ବେ । ଇ-କେଓ୍ୱାଇସି ସହେତେ କାର୍ଡ଼ ବନାବାର୍‌ତକ୍ ସବୁ ପ୍ରକ୍ରିୟା ମାହାଲିଆ ହେଇପାର୍‌ବା ବଲି ଗଲାକାଏଲ୍ ସାମ୍ବାଦିକ୍ ସମ୍ମିଲନୀଥି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ସୂଚ୍‌ନା ଦେଇଛନ୍ । ସ୍ୱାସ୍ଥ୍ୟମନ୍ତ୍ରୀ ଆହୁରି କହିଛନ୍, ଯୋଜ୍‌ନା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ରାଏଜେ ସ୍ୱାସ୍ଥ୍ୟ ଚେତନା ରଥ ବୁଲ୍‌ବା । କାର୍ଯ୍ୟକ୍ରମ୍ ଶୁଭାରମ୍ଭ ଦିନ ରାଜ୍ୟର୍ ସବୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନ୍‌କେ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା ।

ଓଡ଼ିଆ ପକ୍ଷ -ସ୍ୱଚ୍ଛତା ଅଭିଯାନ I&PR

ଓଡ଼ିଆ ପକ୍ଷ -୨୦୨୫ ପାଲନ୍‌ର ୬ ନମ୍ବର୍ ଦିନେ ଆଏଜ୍ ସ୍ୱଚ୍ଛତା ଅଭିଯାନ୍ ଆୟୋଜନ୍ କରାଯାଉଛେ । ସାରା ରାଏଜେ ଭିନ୍ ଭିନ୍ ମନ୍ଦିର୍ ଆର୍ ଐତିହ୍ୟ ସ୍ଥଲୀମାନ୍‌କର୍ ସଫାସୁତ୍‌ରା କରାଯାଇକରି ତାର୍ ସ୍ୱଚ୍ଛତାକେ ନେଇକରି ଲୁକ୍‌କୁ ସଚେତନ୍ କରାଯିବା । ସେଆଡ଼େ ଓଡ଼ିଆ ପକ୍ଷ ପାଲନ୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇକରି ନିଜର୍ ସେଲ୍‌ଫି ଓଡ଼ିଆ ପକ୍ଷ ଡଟ୍ କମ୍ ୱେବ୍‌ସାଇଟ୍‌ଥି ଅପ୍‌ଲୋଡ୍ କର୍‌ବାର୍ ସହେତେ ସେନ ଥିବା କ୍ୱିଜ୍ ପ୍ରତିଯୋଗିତାଥି ଭାଗ୍ ନେବାର୍‌କେ ସର୍‌କାର୍‌ଙ୍କର୍ ତର୍‌ଫୁ ଆହ୍ୱାନ୍ କରାଯାଇଛେ । ଓଡ଼ିଆ ପକ୍ଷ ୫ ନମ୍ବର୍ ଦିନେ ଗଲାକାଏଲ୍ ସାରା ରାଏଜେ ଐତିହ୍ୟ ଗଣଦୌଡ଼ ହେଇଥିଲା ।

ରାମ୍‌ନଅମୀ ଆର୍‌ଏନ୍‌ୟୁ ସମ୍ବଲପୁର

ଆଏଜ୍ ପବିତ୍ର ରାମ୍‌ନଅମୀ । ପୁରାଣ୍ ଅନ୍‌ସାରେ ଭଗବାନ୍ ବିଷ୍ଣୁଙ୍କର୍ ୭ ନମ୍ବର୍ ଅବତାର୍ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଚଇତ୍ ନବରାତ୍ରର୍ ଶେଷ୍ ଦିନେ ନଅମୀ ତିଥିଥି ପୁର୍‌ଥି ନ ଜନମ୍ ନେଇଥିଲେ । ସତ୍ୟ, ନ୍ୟାୟ, ଦୟା, କ୍ଷମା, ସଂଯମ ଆର୍ ତ୍ୟାଗର ଅବତାର ପ୍ରଭୁ ଶ୍ରୀରାମଙ୍କର୍ ଜନମ୍‌ଦିନ୍‌କେ

ହଜାର୍ ହଜାର୍ ବଛର୍ ହେଲା ରାମ୍‌ନଅମୀ ଭାବେ ପାଲନ୍ କରାଯାଉଛେ ।

ପୁରୀ ଶ୍ରୀମନ୍ଦିର୍ ସହେତେ ଦେଶ୍ ଆର୍ ରାଜ୍ୟର୍ ରାମ୍ ମନ୍ଦିର୍‌ମାନ୍‌କେ ପ୍ରଭୁ ଶ୍ରୀରାମଙ୍କର୍ ପୂଜା ଅର୍ଚ୍ଚନା କରାଯିବା । ପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ରାମ ଅବତାର ଲୀଳାର ଅଂଶ ବିଶେଷ 'ସାହିଜାତ' ଆଏଜ୍‌ଠାନୁ ମୁଲ୍ ହେବା । ସେନ୍ତା ଶ୍ରୀଜୀଉମାନ୍‌କର୍ ରଥ୍‌ଯାତ୍ରା ଲାଗି ରଥ୍‌କାଠ ଚିର୍‌ବାର୍‌ଟା ଆଏଜ୍‌ଠାନୁ ମୁଲ୍ ହେବା । ଇଥିର୍‌ଲାଗି ଶ୍ରୀମନ୍ଦିର୍‌ନୁ 'ଲାଗି ମାଳ' ମହାପ୍ରସାଦ୍ ନେଇକରି ଗୁଟେ ଦଲ୍ କଟକ୍ ଖପୁରିଆ ଠାନେ କରତ କଳକେ ଯିବେ । ସେନ ମାଳ ମହାପ୍ରସାଦ୍ ଲାଗି ଉତ୍‌ରୁ ରଥକାଠ ଚିର୍‌ବାର୍‌ଟା ମୁଲ୍ ହେବା ।

ସମ୍ବଲ୍‌ପୁର୍ ରାମନଅମୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାମ୍‌ନଅମୀ ଅବ୍‌ସରେ ସମ୍ବଲ୍‌ପୁର୍ ସହରେ ଭିଲ୍ ଗହଲ୍‌ଚହଲ୍ ବଢ଼ିଯାଇଛେ । ହନୁମାନ୍ ଜୟନ୍ତୀ ସମନ୍ୱୟ ସମିତି ଆର୍ ଶ୍ରୀରାମ ଜନ୍ମୋତ୍ସବ୍ ସମିତି ତର୍‌ଫୁ ଆଏଜ୍ ଗୁଟେ ଶୋଭାଯାତ୍ରା ବାହାର୍‌ବା । ଇ ବଛର୍ ପହେଲାକରି ହନୁମାନ୍ ଜୟନ୍ତୀ ବାଇକ୍

ରେଲି ଆର୍ ରାମ୍ନଅମୀ ଶୋଭଯାତ୍ରା ଗୁଟେ ଦିନେ କର୍ବାର୍ ଲାଗି ନିଷ୍ପତି ନିଆଯାଇଛେ । ଇଥିର୍ଲାଗି ପୁଲିସ୍ ଆଉ ପ୍ରଶାସନ୍ ତର୍ଫୁ କଡ଼ା ବ୍ୟବସ୍ଥା କରାଯାଇଛେ । ସାରା ସହର୍ ପୁଲିସ୍ ଛାଉଣୀ ପାଲ୍ଟି ଥିଲା ବେଲ୍କେ ସମ୍ବେଦନ୍ଶୀଲ୍ ଜାଗା ମାନ୍କେ ଡ୍ରୋନ୍ ଆର୍ ସିସିଟିଭି କେମ୍ରା ଜରିଏ ନଜର୍ ରଖାଯାଇଛେ । ସହରର୍ ୧୦ ଟା ଜାଗା ନ ଓ୍ୱାଚ୍ ଟାଓ୍ୱାର୍ ବ୍ୟବସ୍ଥା କରାଯାଇଛେ । ସେଆଡ଼େ ହନୁମାନ୍ ଜୟନ୍ତୀ ପାଲନ୍ ଆଘୋନୁ ଗଲାକାଏଲ୍ ଝଣ୍ଡା ଶୋଭାଯାତ୍ରା ହେଇଥିଲା ।

ସର୍ବଭାରତୀୟ ପୁଲିସ ହକି ଚମ୍ପିଅନ୍ସିପ I&PR

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେଆଏବା କାଏଲ୍ ୭୩ ନମ୍ବର୍ ସର୍ବଭାରତୀୟ ପୁଲିସ ହକି ଚମ୍ପିଅନ୍ସିପ୍ ଉଦ୍ଘାଟନ୍ ହେବା । ଇତାର୍ ଆଘୋନୁ ଆଏଜ୍ ଭୁବ୍ନେଶ୍ୱର୍ ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ଥି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଚାମ୍ପିଅନ୍ସିପ୍ର ମାସ୍କଟ୍ ଉଦ୍ଘାଟନ୍ କର୍ବେ । ଇ ଅବ୍ସରେ ଭିନ୍ ଭିନ୍ ହକି ଦଲ୍ର ଖେଲାଲି ଆଉ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଯୋଗ୍ ଦେବେ ।

ମାରାଗୁଡ଼ା ଲୋକ୍‌ମହୋତ୍ସବ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାସ୍ତରୀୟ ମାରାଗୁଡ଼ା ଲୋକ୍‌ମହୋତ୍ସବ୍ -୨୦୨୫ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସନ୍ଧ୍ୟାଥି ଜିଲ୍ଲା ମୁଖ୍ୟ ଗ୍ରାମ୍ୟ ଉନ୍ନୟନ୍ ଅଧିକାରୀ ଲମ୍ବୋଧର୍ ଧରୁଆ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ କଲାହାଣ୍ଡିର୍ ଆଘର୍ ସାଂସଦ୍ ବସନ୍ତ କୁମାର୍ ପଣ୍ଡା ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେଇଥିଲା ।

ପାଣିପାଗ       ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟର୍ ୫ ଟା ଜିଲ୍ଲା ନ ଆଏଜ୍ ଘଡ୍‌ଘଡ଼ି ସାଙ୍ଗେ ଧୁକାଗର୍ଡ଼ି ଆର୍ ସାମାଏନ୍ ବର୍ଷା ହେଇପାରେ । ସେନ୍ତା ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ତାତି ୨ ନୁ ୪ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।